# ୨୦୨୪ ସାଲ ବିଶ୍ୱ ମିଶନ୍ ପୂଣ୍ୟ ପିତା ଫ୍ରାନ୍‌ସିସ୍‌ଙ୍କ ବାର୍ତ୍ତା
# ୨୦ ଅକ୍ଟୋବର ୨୦୨୪

## "ଯାଅ ଓ ସମସ୍ତଙ୍କୁ ଭୋଜି ପାଇଁ ଆମନ୍ତ୍ରଣ କର ।" (ମାଥ୍ୟୁ ୨୨:୯)

**ପ୍ରିୟ ଭାଇ ଓ ଭଉଣୀମାନେ !**

ଚଳିତ ବର୍ଷ ବିଶ୍ୱ ମିଶନ୍ ଦିବସ ପାଇଁ ମୁଁ ବାଛିଥିବା ଶୀର୍ଷକଟି ମାଥ୍ୟୁ ଲିଖିତ ସୁସମାଚାର "ବିବାହ ଭୋଜିର ଦୃଷ୍ଟାନ୍ତ" (ମାଥ୍ୟୁ ୨୨:୯) ଆମନ୍ତ୍ରିତ ସମସ୍ତ ଅତିଥିବୃନ୍ଦ ତାଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିବା ପରେ, କାହାଣୀର ମୁଖ୍ୟ ଚରିତ୍ର ସ୍ୱୟଂ ତାଙ୍କର ସେବକମାନଙ୍କୁ କହନ୍ତି, "ରାସ୍ତା-ଘାଟକୁ ଯାଇ ତୁମେ ଯାହାଙ୍କୁ ପାଇବ ସେ ସମସ୍ତଙ୍କୁ ବିବାହ ଭୋଜିକୁ ଡାକିଆଣ ।" ଦୃଷ୍ଟାନ୍ତ ତଥା ଯୀଶୁଙ୍କ ଜୀବନ ଆଧାରରେ ଆମେ ଯଦି ଏହି ଶୀର୍ଷକକୁ ଚିନ୍ତା କରିବା ତେବେ ସୁସମାଚାର ପ୍ରସାରଣ ସକାଶେ ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକୁ ଆମେ ଜାଣି ପାରିବା । ସୀନଡ଼ୀୟ ଯାତ୍ରାର ଶୀର୍ଷକ - ସଙ୍ଗତି, ସହଭାଗିତା ଏବଂ ମିଶନ୍, ଏହାର ଅନ୍ତିମ ପର୍ଯ୍ୟାୟରେ ଆମେ ପହଞ୍ଚିଥିବା ସମୟରେ ଯୀଶୁଙ୍କର ମିଶନାରୀ ଶିଷ୍ୟ-ଶିଷ୍ୟା ହିସାବରେ ଏହି ସମୟ ହିଁ ଆମ୍ଭମାନଙ୍କ ପାଇଁ ଅନୁକୂଳ ଓ ଉପଯୁକ୍ତ ବୋଲି ଜଣା ପଡୁଛି, ଯଦ୍‌ଦ୍ୱାରା ଆଜିର ପ୍ରତିକୂଳ ପରିବେଶରେ ସୁଦ୍ଧା, ମଣ୍ଡଳୀର ମୁଖ୍ୟ କାର୍ଯ୍ୟ ଯଥା ସୁସମାଚାରର ପ୍ରସାରଣ ଉପରେ ନିଜର ଦୃଷ୍ଟି ପକାଇବା ଉଚିତ୍ ।

### ୧. "ଯାଅ ଏବଂ ଡାକିଆଣ !" ଅକ୍ଳାନ୍ତ ପରିଶ୍ରମ କରି ପ୍ରଭୁଙ୍କର ଭୋଜି ସକାଶେ ଲୋକଙ୍କୁ ଡାକି ଆଣିବାର ମିଶନ୍ ।

ରାଜା, ସେବକଗଣଙ୍କୁ ଦେଇଥିବା ଆଦେଶରେ ଆମେ ଦୁଇଟି ମୁଖ୍ୟ ପ୍ରସଙ୍ଗ ଦେଖିବାକୁ ପାଉ, ଯାହା ମିଶନ୍ କାର୍ଯ୍ୟର କେନ୍ଦ୍ରବିନ୍ଦୁ ଅଟେ । ଯଥା - 'ଯାଅ' ଏବଂ 'ଡାକିଆଣ' ।

ପ୍ରଥମ ମୁଖ୍ୟ ପ୍ରସଙ୍ଗରୁ ଏହା ଜଣାପଡ଼େ ଯେ, ରାଜାଙ୍କର ନିମନ୍ତ୍ରଣ ଦେବାପାଇଁ ସେବକମାନେ ଲୋକମାନଙ୍କ ପାଖକୁ ଥରେ ଯାଇ ସାରିଥିଲେ । ଏହି ପରିପ୍ରେକ୍ଷିରେ, ମିଶନ୍ ହେଉଛି ଅକ୍ଳାନ୍ତ ପରିଶ୍ରମ କରି ସମସ୍ତ ଭାଇ ଓ ଭଉଣୀଙ୍କ ନିକଟକୁ ପହଞ୍ଚିବା ଏବଂ ସେମାନଙ୍କୁ ପ୍ରଭୁଙ୍କର ସାକ୍ଷାତ ପାଇଁ ତଥା ତାଙ୍କ ସହିତ ସହଭାଗିତା ହେବାକୁ ଡାକି ଆଣିବା । ଅକ୍ଳାନ୍ତ ଈଶ୍ୱର ! ବାସ୍ତବରେ, ପ୍ରେମରେ ମହାନ ଓ କରୁଣାର ପରିପୂର୍ଣ୍ଣ । ଈଶ୍ୱର ଲୋକଙ୍କର ବାରଣ, ଉଦାସୀନତା ଓ ଉପେକ୍ଷା ସତ୍ତ୍ୱେ ନିରଙ୍କୁଶ ଭାବରେ ସେ ସେମାନଙ୍କୁ ତାଙ୍କ ସହିତ ସାକ୍ଷାତ ଏବଂ ତାଙ୍କ ରାଜ୍ୟର ଆନନ୍ଦରେ ସହଭାଗିତା ହେବାକୁ ଡାକରା ଦେଇଥାନ୍ତି । ଉତ୍ତମ ମେଷପାଳକ ତଥା ପିତାଙ୍କର ବାର୍ତ୍ତାବାହକ  ପ୍ରଭୁ ଯୀଶୁଖ୍ରୀଷ୍ଟ ଇସ୍ରାଏଲରୁ ହଜି ଯାଇଥିବା ମେଷମାନଙ୍କୁ ଖୋଜିବା ପାଇଁ ବାହାରି ଗଲେ ଏବଂ ସେ ମଧ୍ୟ ଅନ୍ୟ ମେଷମାନଙ୍କୁ ଖୋଜିବା ପାଇଁ ଦୃଢ଼ ଇଚ୍ଛା ପ୍ରକାଶ କଲେ । ସେ ତାଙ୍କର ପୁନରୁତ୍‌ଥାନ ପୂର୍ବରୁ ତଥା ପରେ ସେ ତାଙ୍କର ଶିଷ୍ୟମାନଙ୍କୁ  କହିଲେ, 'ଯାଅ' ଏହିପରି ଭାବରେ ସେ ତାଙ୍କର ଶିଷ୍ୟମାନଙ୍କୁ ତାଙ୍କ ମିଶନ୍ କାର୍ଯ୍ୟରେ ସହଭାଗୀ କରାଇଲେ । ଧର୍ମ ମଣ୍ଡଳୀ ମଧ୍ୟ, ପ୍ରଭୁଙ୍କ ନିକଟରୁ ସେ ପାଇଥିବା ମିଶନ୍ କାର୍ଯ୍ୟରେ ବିଭିନ୍ନ ବାଧା ଓ ଅସୁବିଧା ସତ୍ତ୍ୱେ ଅବିଚଳିତ ଭାବରେ ବିଶ୍ୱସ୍ତ ରହି ଶେଷ ପର୍ଯ୍ୟନ୍ତ ମିଶନ୍ କାର୍ଯ୍ୟକୁ ଚଳାଇ ରଖିବେ ।

ଏହି ଅବସରରେ ମୁଁ ସେହି ମିଶନାରୀମାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଦେବାକୁ ଚାହେଁ ଯେଉଁମାନେ ପ୍ରଭୁଙ୍କର ଆହ୍ୱାନ ଶୁଣି ସବୁକିଛି ପରିତ୍ୟାଗ କରୁ ସୁସମାଚାର ଶୁଣି ନଥିବା କିମ୍ବା ନିକଟ-ଅତୀତରେ ସୁସମାଚାର ଶୁଣିଥିବା ଲୋକଙ୍କ ନିକଟରେ ସୁସମାଚାରର ବାର୍ତ୍ତା ପହଞ୍ଚାଇ ପାରିଥିବାରୁ । ପ୍ରିୟ ବନ୍ଧୁଗଣ ! ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ଦେଇଥିବା ମିଶନ୍ – "ଯାଅ ଓ ସମଗ୍ର ଜଗତର ଲୋକଙ୍କୁ ଶିଷ୍ୟ କର", ଏହି ଆଦେଶ ପ୍ରତି ଆପଣଙ୍କର ଉଦାରଭରା ସମର୍ପିତ ଜୀବନ ହିଁ ଅଟେ ସ୍ୱଷ୍ଟ ଉଦାହରଣ । (ମାଥିଉ ୨୮:୧୯) ଏଥି ସକାଶେ ଆମେ ଅନବରତ ପ୍ରାର୍ଥନା କରିବା ସାଥେ ସାଥେ ଜଗତର ଶେଷ ପର୍ଯ୍ୟନ୍ତ ସୁସମାଚାର ପ୍ରସାରଣ ନିମନ୍ତେ ଅସଂଖ୍ୟ ମିଶନାରୀଗଣଙ୍କ ପାଇଁ ଆମେ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଉ ।

ଆମେ ଭୂଲିଯିବା ଉଚିତ୍ ନୁହେଁ ଯେ, ପ୍ରତ୍ୟେକ ଖ୍ରୀଷ୍ଟିୟାନ ନିଜ ନିଜ ପରିବେଶରେ ରହି ସୁସମାଚାରର ସାକ୍ଷ୍ୟ ବହନ କରି ଏହି ସାର୍ବଭୌମ ମିଶନ୍ କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଆହୁତ । ଯଦ୍‌ଦ୍ୱାରା ସମଗ୍ର ମଣ୍ଡଳୀ ତା'ର ପ୍ରଭୁ ଓ ଗୁରୁଙ୍କ ସହିତ ପୃଥିବୀସ୍ଥ ସମଗ୍ର ବିପଦପୂର୍ଣ୍ଣ ସ୍ଥାନକୁ ସୁସମାଚାର ଘେନି ଯାଇପାରିବ । ଆଜି ମଣ୍ଡଳୀରେ ଚାଲିଥିବା ନାଟକ ଏହି ଯେ, ଯୀଶୁ ପ୍ରତି ମୁହୂର୍ତ୍ତରେ ଅନ୍ତରାଳର କବାଟରେ ଖଟ୍ ଖଟ୍ ଶବ୍ଦ କରି ଚାଲିଛନ୍ତି ଯେପରି ଆମେ ତାଙ୍କୁ ବାହାରକୁ ଯିବାକୁ ଅନୁମତି ଦେଇପାରୁ । ଅଧିକାଂଶ ସମୟରେ ମଣ୍ଡଳୀ ପ୍ରଭୁଙ୍କୁ ନିଜ ମଧ୍ୟରେ ଆବଦ୍ଧ ରଖି ତାଙ୍କୁ ବାହାରକୁ ଯିବା ପାଇଁ ଛାଡ଼ି ନଥାଏ । କିନ୍ତୁ ବାସ୍ତବରେ ଯୀଶୁ ମିଶନ୍ ପାଇଁ ଆସିଲେ ଏବଂ ସେ ବାଞ୍ଛା କରନ୍ତି ଯେ ଆମେ ମିଶନାରୀ ହେଉ । ସୁତରାଂ, ଆସନ୍ତୁ ପ୍ରାରମ୍ଭିକ ଖ୍ରୀଷ୍ଟିୟ ସମୁଦାୟ ଭଳି ଆମେ ପ୍ରତ୍ୟେକ ଦୀକ୍ଷିତ ବ୍ୟକ୍ତିବିଶେଷ ଆମ୍ଭମାନଙ୍କ ଜୀବନର ଦକ୍ଷତାନୁସାରେ ଏକ ନୂତନ ମିଶନ୍ ଯାତ୍ରାକୁ ଶୁଭାରମ୍ଭ କରିବାକୁ ବାହାରି ପଡ଼ିବା ।

ଦୃଷ୍ଟାନ୍ତର ଆଦେଶକୁ ଫେରିଯିବା, ଯେଉଁଠାରେ ରାଜା ତାଙ୍କର ସେବକଗଣଙ୍କୁ ପଠାଇ ଲୋକମାନଙ୍କୁ, "ବିବାହ ଭୋଜିକୁ ଆସ" ବୋଲି କହିବା ପାଇଁ ମଧ୍ୟ ଆଦେଶ ଦିଅନ୍ତି । ଈଶ୍ୱର, ଏହିଠାରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମିଶନ୍ ସମର୍ପି ଦେଉଥିବା ଆମେ ପରିଲକ୍ଷିତ କରୁ । ଆମେ ଅନୁମାନ କରି ପାରୁଥିବା, କିଭଳି ସେବକମାନେ ରାଜାଙ୍କର ନିମନ୍ତ୍ରଣକୁ ଅତ୍ୟାବଶ୍ୟକୀୟ ତଥା ଅତି ସମ୍ମାନ ଓ ଦୟାର ସହିତ ଲୋକମାନଙ୍କୁ ଜଣାଇ ଦିଅନ୍ତି । ଅତଏବ ସୁସମାଚାର ପ୍ରସାରଣ କାର୍ଯ୍ୟ ମଧ୍ୟ ସେହି ସମାନ ଢଙ୍ଗ ଓ ଅତ୍ୟାବଶ୍ୟକୀୟ ଆଧାରରେ ଏହି ପ୍ରଚାର ଦ୍ୱାରା ଯିଏ ପ୍ରଚାରିତ ହୁଅନ୍ତି ତାଙ୍କ ନିମନ୍ତେ କରିବା ଉଚିତ୍ । ସମଗ୍ର ଜଗତରେ ପ୍ରସାର କରିବାକୁ ଯାଇ, ପ୍ରଭୁଙ୍କର ମିଶନାରୀ ଶିଷ୍ୟଗଣ "ମୃତ୍ୟୁ ବିଜୟୀ ଖ୍ରୀଷ୍ଟଙ୍କ ଠାରେ ପ୍ରକାଶିତ ପ୍ରଭୁଙ୍କ ମୁକ୍ତି ଓ ପ୍ରେମର ସୌନ୍ଦର୍ଯ୍ୟତାକୁ" ପବିତ୍ରାତ୍ମାଙ୍କ ଠାରୁ ପ୍ରାପ୍ତ ଆନନ୍ଦ, ଉଦାରତା ଓ ଦୟାରେ ସମ୍ପାଦନ କରିବା ଉଚିତ୍ । କଦାପି କୌଣସି ପ୍ରକାରର ଚାପ, ବାଧ୍ୟ କିମ୍ବା ଜୋର-ଜବରଦସ୍ତ ଦ୍ୱାରା ନୁହେଁ ବରଂ ଅତି ଆଦରରେ, ଦୟାରେ ଓ କୋମଳତାରେ ଏହି କାର୍ଯ୍ୟକୁ କରିବା ଦରକାର, ଯାହା ପ୍ରଭୁଙ୍କର କାର୍ଯ୍ୟକୁ ପ୍ରତିପାଦନ କରିଥାଏ ।

## ୨. "ବିବାହ ଭୋଜିକୁ" ଖ୍ରୀଷ୍ଟ ଓ ମଣ୍ଡଳୀର ଅନ୍ତିମ ଓ ପ୍ରାସାଦିକ ମିଶନର ଦୃଷ୍ଟିକୋଣ ।

ଦୃଷ୍ଟାନ୍ତରେ ରାଜା ସେବକମାନଙ୍କୁ ତାଙ୍କ ପୁତ୍ରଙ୍କ ବିବାହ ଭୋଜିକୁ ଲୋକମାନଙ୍କୁ ଆଣିବା ପାଇଁ ଆଦେଶ ଦିଅନ୍ତି । ବାସ୍ତବରେ ସେହି ବିବାହ ଭୋଜି ଅନ୍ତିମ ଭୋଜିର ପ୍ରତିଛବି ଅଟେ । ଏହି ପ୍ରତିଛବିଟି ଈଶ୍ୱରଙ୍କ ରାଜ୍ୟରେ ଅନ୍ତିମ ପରିତ୍ରାଣର ପ୍ରତିରୂପ ଅଟେ, ଯାହା ଈଶ୍ୱରପୁତ୍ର ଯୀଶୁ ଓ ମସୀହଙ୍କ ଆଗମନ ଦ୍ୱାରା ପୂର୍ଣ୍ଣ ହୋଇଛି ଯିଏ ଆମ୍ଭମାନଙ୍କୁ ପରିପୂର୍ଣ୍ଣତାର ଜୀବନ ପ୍ରଦାନ କରନ୍ତି (ଯୋହନ ୧୦:୧୦) ଯାହାକୁ, ରସାଳ ସ୍ୱାଦିଷ୍ଟ ଖାଦ୍ୟ ତଥା ଉତ୍ତମ ଦ୍ରାକ୍ଷାରସରେ ସୁସଜ୍ଜିତ ଏକ ମେଜ ଦ୍ୱାରା ଚିତ୍ରଣ କରାଯାଇଛି । ଏହି ଅନ୍ତିମ ସମୟରେ ହିଁ ଈଶ୍ୱର ମୃତ୍ୟୁକୁ ଚିରକାଳ ଲାଗି ଲୋପ

କରିବେ । (ଯିଶାଇୟ ୨୫:୬-୮) ପ୍ରାରମ୍ଭରେ ଯୀଶୁ ଘୋଷଣା କଲାଭଳି ସମୟର ପରିପୂର୍ଣ୍ଣତାରେ ହିଁ ଯୀଶୁଙ୍କର ମିଶନ୍ କାର୍ଯ୍ୟଟିର ପୂର୍ଣ୍ଣତା ଘଟିବ । ସେ କହନ୍ତି - "ସମୟର ପୂର୍ଣ୍ଣତା ଉପଗତ ହୋଇଛି; ଈଶ୍ୱରଙ୍କର ରାଜ୍ୟ ସମୀପବର୍ତ୍ତୀ" । (ମାର୍କ ୧:୧୫) ଖ୍ରୀଷ୍ଟଙ୍କର ଶିଷ୍ୟଗଣଙ୍କ ତାଙ୍କର ପ୍ରଭୁ ଓ ଗୁରୁଙ୍କର ଏହି ମିଶନ୍ କାର୍ଯ୍ୟଟିକୁ ଚଳାଇ ରଖିବା ପାଇଁ ଆହୁତ ଅଟନ୍ତି । ଏହିଠାରେ ଆମ୍ଭେମାନେ ମଣ୍ଡଳୀ କାର୍ଯ୍ୟର ଅନ୍ତିମ ଗୁଣାବଳୀ ସମ୍ବନ୍ଧରେ ଦ୍ୱିତୀୟ ଭାଟିକାନ୍ ମହାସଭା ଦେଇଥିବା ଶିକ୍ଷା ଉପରେ ଦୃଷ୍ଟିପାତ କରିବା । ସେ କହେ - "ମଣ୍ଡଳୀର ମିଶନ୍ କାର୍ଯ୍ୟଟି ପ୍ରଭୁ ଯୀଶୁଙ୍କର ପ୍ରଥମ ଆଗମନରୁ ଆରମ୍ଭ ହୋଇ ତାଙ୍କର ଗୌରବମୟ ଦ୍ୱିତୀୟ ଆଗମନ ପର୍ଯ୍ୟନ୍ତ ବିସ୍ତାର ହୋଇଛି । ..... କାରଣ, ଯୀଶୁଙ୍କର ଦ୍ୱିତୀୟ ଆଗମନ ସୁଦ୍ଧା ଜଗତର ସମସ୍ତଙ୍କୁ ସୁସମାଚାର ପ୍ରଚାର କରାଯିବା ଦରକାର ଅଟେ" । (ମାର୍କ ୧୩:୧୦)

ଆମ୍ଭେମାନେ ଅବଗତ ଅଟୁ ଯେ, ମଣ୍ଡଳୀର ପ୍ରାରମ୍ଭିକ ମିଶନାରୀଙ୍କ ଠାରୁ ମିଶନ୍ କାର୍ଯ୍ୟର ଅନ୍ତିମ ଲକ୍ଷ୍ୟ ଉତ୍ସାହଜନ ଓ ପ୍ରଭାବଶାଳୀ ଥିଲା । ଏଥିପାଇଁ ସେମାନେ ସୁସମାଚାର ପ୍ରସାର ହେବାର ଆବଶ୍ୟକତାକୁ ଅନୁଭବ କରି ପାରିଥିଲେ । ସୁତରାଂ, ଆଜି ସୁଦ୍ଧା ଏହି ଧାରାଟିକୁ ଗୁରୁତ୍ୱର ସହିତ ବଜାୟ ରଖିବା ଦରକାର ଅଛି । କାରଣ, ଏହାଦ୍ୱାରା ପ୍ରଭୁଙ୍କର ଆଗମନ ବିଷୟରେ ଅବଗତ ହୋଇଥିବା ସମସ୍ତଙ୍କୁ ସୁସମାଚାର ପ୍ରସାରଣ ନିମନ୍ତେ ଆନନ୍ଦ ଦେଇଥାଏ ଏବଂ ସ୍ୱର୍ଗୌରବେ ଯାତ୍ରା କରୁଥିବା ଆମେ ସମସ୍ତେ ଦିନେ ଈଶ୍ୱରଙ୍କ ରାଜ୍ୟରେ ଖ୍ରୀଷ୍ଟଙ୍କ ସହିତ ଅନ୍ତିମ ଭୋଜନରେ ସହଭାଗିତା ହୋଇପାରିବା ଏହି ଆଶା ଆମଠାରେ ସଂଚାର କରିଥାଏ । ଗୋଟିଏ ପକ୍ଷରେ, ଏହି ଜଗତ ଆମ୍ଭମାନଙ୍କ ପାଇଁ ଉପଭିକ୍ତାବାଦୀ, ସ୍ୱାର୍ଥ, ଆରାମ୍ ଦାୟକ, ସମ୍ପତ୍ତିର ମୋହ, ବ୍ୟକ୍ତିବାଦୀ ରୂପକ ଭୋଜିର ପ୍ରସ୍ତୁତ କରୁଥିବାବେଳେ ଅନ୍ୟ ପଟେ ସୁସମାଚାର ଆମ୍ଭମାନଙ୍କୁ ଈଶ୍ୱର ଓ ଅନ୍ୟ ସମସ୍ତଙ୍କ ସହିତ ଆନନ୍ଦ, ସହଭାଗିତା, ନ୍ୟାୟ ତଥା ଭାତୃ ଭାବର ଭୋଜି ପର୍ବକୁ ଆମନ୍ତ୍ରଣ କରିଥାଏ ।

ବାସ୍ତବରେ, ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରଦତ୍ତ ପରିପୂର୍ଣ୍ଣତାର ଜୀବନ ପ୍ରଭୁଙ୍କ ସ୍ମରଣାର୍ଥେ ପ୍ରତ୍ୟହ ମଣ୍ଡଳୀରେ ଅନୁଷ୍ଠିତ ହେଉଥିବା ଦିବ୍ୟଯଜ୍ଞ ଦ୍ୱାରା ବର୍ତ୍ତମାନ ଆମ ପାଇଁ ଉପଲବ୍ଧ କରାଯାଇଥାଏ । ଅର୍ଥାତ୍, ଆମ୍ଭମାନଙ୍କ ମିଶନ୍ କାର୍ଯ୍ୟ ଦ୍ୱାରା ସମସ୍ତଙ୍କୁ ଅନ୍ତିମ ଭୋଜିକୁ ଆମନ୍ତ୍ରଣ କରିବାର କାର୍ଯ୍ୟଟି ତାତ୍ତ୍ୱିକ ଭାବେ ଦିବ୍ୟଯଜ୍ଞ ସହିତ ଯୋଡ଼ିତ ଅଟେ । ଯେଉଁଠାରେ ପ୍ରଭୁ ଯୀଶୁ ଆମ୍ଭମାନଙ୍କୁ ତାଙ୍କ ବାଣୀ ଏବଂ ଶରୀର ଓ ରୁଧିର ଦ୍ୱାରା ଆପ୍ୟାୟିତ କରାନ୍ତି । ପୂଣ୍ୟପିତା ବେନେଦିକ୍ତXVI କହନ୍ତି - "ପ୍ରତ୍ୟେକ ଅନୁଷ୍ଠିତ ଦିବ୍ୟଯଜ୍ଞରେ ଈଶ୍ୱ-ଜନତାଙ୍କ ଅନ୍ତିମ ଭୋଜିର ସହଭାଗିତା ସଂସ୍କାରୀକ ରିତୀରେ ସମ୍ପନ୍ନ ହୋଇଥାଏ ।" ସୁତରାଂ, ବର୍ତ୍ତମାନ ଆମ୍ଭମାନଙ୍କ ପାଇଁ ଦିବ୍ୟଯଜ୍ଞ ଅଟେ ସେହି ଅନ୍ତିମ ଭୋଜି ପର୍ବର ପ୍ରକୃତ ଆସ୍ୱାଦନ ଯାହା ସମ୍ବନ୍ଧରେ ପ୍ରବକ୍ତା ଭାବବାଣୀ କରି ଯାଇଛନ୍ତି (ଯିଶାଇୟ ୨୫:୬-୯) ତଥା ନୂତନ ବିଧାନରେ "ମେଶ ଶାବକଙ୍କ ବିବାହ ଭୋଜି" ରୂପେ ବର୍ଣ୍ଣିତ ହୋଇଛି (ପ୍ରକାଶନ ୧୯:୯) ଯାହା ସାଧୁଗଣଙ୍କ ସଙ୍ଗତିରେ ସାନନ୍ଦରେ ପାଳିତ ହେବ ।

ପରିଶେଷରେ, ଆମେ ପ୍ରତ୍ୟେକ ଦିବ୍ୟଯଜ୍ଞର ଅନ୍ତିମ ଓ ମିଶନାରୀ ଗୁରୁତ୍ୱତାକୁ ଗଭୀର ଭାବରେ ଅନୁଭବ କରିବାକୁ ଆମନ୍ତ୍ରିତ ଅଟୁ । ଏହି ପରିପ୍ରେକ୍ଷିରେ, ମୁଁ ବାରମ୍ବାର କହିବାକୁ ଚାହେଁ ଯେ, "ସମସ୍ତ ଜନତାଙ୍କ ନିକଟକୁ ପହଞ୍ଚିବା ପାଇଁ ଉଦ୍ଦିଷ୍ଟ ଈଶ୍ୱରଙ୍କ ହୃଦୟରେ ଜାତ ମିଶନରେ ନପହଞ୍ଚି ଆମେ କେବେହେଲେ ଦିବ୍ୟପ୍ରସାଦର ମେଜ ସମ୍ମୁଖକୁ ଯାଇ ନପାରୁ ।" ଏଥିପାଇଁ ପ୍ରାସାଦିକ ନବୀକରଣତା ବିଶେଷ କରି ସଦ୍ୟ କୋଭିଡ୍ ପରବର୍ତ୍ତୀ କାଳରେ ଅଧିକାଂଶ ଆଞ୍ଚଳିକ ମଣ୍ଡଳୀରେ ପ୍ରଶଂସନୀୟ ଭାବେ ହେଉଥିବା ନବୀକରଣ ପ୍ରତ୍ୟେକ ଦିକ୍ଷୀତ ବ୍ୟକ୍ତି ବିଶେଷଙ୍କ ଠାରେ

ମିଶନାରୀ ଉତ୍ସାହ ସଂଚାର କରିବାରେ ଗୁରୁତ୍ୱ ବହନ କରିବ । ଅର୍ଥାତ୍ ଦିବ୍ୟଯଜ୍ଞରେ ଆମେ କେତେ ଉଚ୍ଚ କଣ୍ଠରେ ଓ ଉତ୍ସାହୀ ହୃଦୟରେ "ହେ ପ୍ରଭୁ, ତୁମ୍ଭେ ପୁନରାଗମନ କରିବା ପର୍ଯ୍ୟନ୍ତ ଆମ୍ଭେମାନେ ତୁମ୍ଭର ମୃତ୍ୟୁ ଘୋଷଣା କରୁ ଏବଂ ତୁମ୍ଭର ପୁନରୁତ୍‌ଥାନ ପ୍ରକାଶ କରୁ", ଘୋଷଣା କରିବା ଉଚିତ୍ ।

୨୦୨୫ ସାଲରେ ମହା ଜୟନ୍ତୀ ଉତ୍ସବ ଲାଗି ଚଳିତ ଏହି ପ୍ରସ୍ତୁତି ବର୍ଷରେ ମୁଁ ସମସ୍ତଙ୍କୁ ତାଙ୍କର ଉତ୍ସର୍ଗିତ ଜୀବନକୁ ସୁଦୃଢ଼ କରିବା ସହିତ ଦିବ୍ୟଯଜ୍ଞରେ ସହଭାଗୀ ହୋଇ ମଣ୍ଡଳୀର ମିଶନ୍ ଏବଂ ସୁସମାଚାର ପ୍ରସାରଣ ପାଇଁ ପ୍ରାର୍ଥନା କରିବାକୁ ଉତ୍ସାହ ଜଣାଏ । କାରଣ, ତ୍ରାଣକର୍ତ୍ତାଙ୍କର ଆଦେଶାନୁ ପ୍ରକାରେ ପ୍ରତ୍ୟେକ ଦିବ୍ୟଯଜ୍ଞ ଓ ସମ୍ମିଳିତ ସମାରୋହରେ ମଣ୍ଡଳୀ "ତୁମ୍ଭର ରାଜ୍ୟ ଆସୁ" କହି ପ୍ରଭୁଙ୍କର ପ୍ରାର୍ଥନା କରିବାକୁ ପାଶୋରି ନଥାଏ । ଅତଏବ ଏହି ପ୍ରକାରେ ଆମର ଦୈନିକ ପ୍ରାର୍ଥନା ତଥା ଦିବ୍ୟଯଜ୍ଞ ଆମ୍ଭମାନଙ୍କୁ ଆଶାର ତୀର୍ଥଯାତ୍ରୀ ଏବଂ ମିଶନାରୀ ହେବାକୁ ସାହାଯ୍ୟ କରେ ଯିଏ ପ୍ରଭୁଙ୍କର ଅନନ୍ତ ଜୀବନ ଆଡ଼କୁ ଅଗ୍ରସର ହୁଏ ଏବଂ ସମସ୍ତ ସନ୍ତାନଙ୍କ ପାଇଁ ପ୍ରଭୁଙ୍କ ଦ୍ୱାରା ପ୍ରସ୍ତୁତ ଅନ୍ତିମ ଭୋଜ ଆଡ଼କୁ ଅଗ୍ରସର ହୁଏ ।

## ୩. "ସମସ୍ତଙ୍କୁ" ସମ୍ପୂର୍ଣ୍ଣ ସୀନଡ଼ୀୟ ଏବଂ ମିଶନାରୀ ମଣ୍ଡଳୀରେ ଶିଷ୍ୟଗଣଙ୍କର ସାର୍ବଭୌମ ମିଶନ୍ ।

ଅନୁଧ୍ୟାନ ସକାଶେ ଶେଷ ଓ ତୃତୀୟ ପ୍ରସଙ୍ଗଟି ଅଟେ ରାଜାଙ୍କ ନିମନ୍ତ୍ରଣକୁ ଗ୍ରହଣ କରିବା "ସମସ୍ତେ" । ଯେପରି ମୁଁ ପୂର୍ବରୁ କହିଛି ଯେ, "କାହାରିକୁ ସୁଦ୍ଧା ବାଦ୍ ନଦେଇ ସମସ୍ତେ ଏଥିରେ ସାମିଲ ହେବା ଦରକାର, କାରଣ ଏହାହିଁ ଅଟେ ମିଶନ୍‌ର କେନ୍ଦ୍ରବିନ୍ଦୁ ।" ଅତଏବ, ଆମେ କରୁଥିବା ପ୍ରତ୍ୟେକ ମିଶନ୍ କାର୍ଯ୍ୟ ଖ୍ରୀଷ୍ଟଙ୍କ ହୃଦୟରୁ ହିଁ ଜାତ ହୋଇଛି ଯଦ୍‌ଦ୍ୱାରା ସେ ସମସ୍ତଙ୍କୁ ତାଙ୍କ ନିକଟକୁ ଆଣି ପାରିବେ । ଭାଗ-ବାଣ୍ଟ ଓ ସଂଘର୍ଷରେ ପ୍ରପୀଡ଼ିତ ଆଜିର ଏହି ପୃଥିବୀରେ ପ୍ରଭୁଙ୍କର ସୁସମାଚାର ଏକ ନମ୍ର କିନ୍ତୁ ସୁଦୃଢ଼ ସ୍ୱର ଭଳି ଠିଆ ହୋଇ ପରସ୍ପରକୁ ସାକ୍ଷାତ କରି ଏକ-ଅନ୍ୟକୁ ଭାଇ ଓ ଭଉଣୀ ରୂପେ ସ୍ୱୀକାର କରି ବିଭିନ୍ନତା ମଧ୍ୟରେ ଐକ୍ୟତାର ଆନନ୍ଦ ନେବାକୁ ଆମନ୍ତ୍ରଣ ଜଣାଏ । କାରଣ "ସମସ୍ତେ ରକ୍ଷାପ୍ରାପ୍ତ ହେବା ଓ ସତ୍ୟର ଜ୍ଞାନପ୍ରାପ୍ତି ଲାଭ କରିବା ପାଇଁ ଆମ୍ଭମାନଙ୍କର ତ୍ରାଣକର୍ତ୍ତା ଅଭିଳାଷୀ ଅଟନ୍ତି ।" (୧ମ ତୀମଥି ୨:୪) ଆମେ ଭୂଲିଯିବା ନାହିଁ ଯେ, ଆମ୍ଭମାନଙ୍କର ମିଶନ୍ କାର୍ଯ୍ୟରେ ଆମ ସମସ୍ତଙ୍କୁ ସୁସମାଚାର ପ୍ରଚାର କରିବାକୁ କୁହାଯାଇଛି - "ଆମେ ଅନ୍ୟ କିଛି ନୂଆ ବିଷୟକୁ ଗୁରୁତ୍ୱ ନଦେଇ ଆମେ ଏକ ଅନ୍ୟ ସହିତ ଆନନ୍ଦରେ ସହଭାଗିତା ଲୋକ ଭଳି ବ୍ୟବହାର କରିବା ଉଚିତ୍, ଯିଏ ଦିଗ୍‌ଦର୍ଶନର ସୌନ୍ଦର୍ଯ୍ୟକୁ ସୂଚାଇ ପାରୁଥିବ ଏବଂ ଯିଏ ଅନ୍ତିମ ଭୋଜି ପର୍ବକୁ ଲୋକମାନଙ୍କୁ ଆମନ୍ତ୍ରଣ କରି ପାରୁଥିବ ।"

ଲୋକଙ୍କର ସାମାଜିକ ଜୀବନ ଅବସ୍ଥା କିମ୍ବା ତାଙ୍କର ନୈତିକ ଜୀବନ ଯାହା ହୋଇଥାଉ ନା କାହିଁକି ଖ୍ରୀଷ୍ଟଙ୍କର ମିଶନାରୀ ଶିଷ୍ୟମାନେ ସର୍ବଦା ଲୋକଙ୍କ ପ୍ରତି ଦୟାଶୀଳ ଥିଲେ । ବିବାହ ଭୋଜିର ଦୃଷ୍ଟାନ୍ତ ଆମକୁ ଏହା କହେ ଯେ, ରାଜାଙ୍କ ଆଦେଶାନୁ ପ୍ରକାରେ ଭୃତ୍ୟମାନେ ଉଭୟ "ଭଲ ଓ ମନ୍ଦ ଯାହାଙ୍କୁ ସେମାନେ ପାଇଲେ ସମସ୍ତଙ୍କୁ" ଭୋଜିକୁ ନେଇ ଆସିଲେ । (ମାଥ୍ୟୁ ୨୨:୧୦) ଏହାଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, "ଦରିଦ୍ର, ଖଞ୍ଜ, ଅନ୍ଧ ଓ ଛୋଟା" (ଲୁକ୍ ୧୪:୨୧) ଅର୍ଥାତ୍ ସମାଜ ଦ୍ୱାରା ପରିତ୍ୟକ୍ତ ମୋର ଏହି ଭାଇ ଓ ଭଉଣୀମାନେ ହିଁ ରାଜାଙ୍କ ପାଇଁ ବିଶେଷ ଅତିଥିମାନେ ଅଟନ୍ତି । ଅର୍ଥାତ୍ ପ୍ରଭୁ ତାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ପାଇଁ ପ୍ରସ୍ତୁତ କରିଥିବା ବିବାହ ଭୋଜି ଆମ ସମସ୍ତଙ୍କ ପାଇଁ ଖୋଲା ରହିବ, କାରଣ ଆମ ପ୍ରତ୍ୟେକଙ୍କ ପାଇଁ ପ୍ରଭୁଙ୍କର ସ୍ନେହ ଅସୀମ ଓ ନିଃସର୍ତ୍ତ ଅଟେ । କାରଣ "ଈଶ୍ୱର ସଂସାରକୁ ଏପରି ସ୍ନେହ କଲେ ଯେ, ସେ ନିଜର ଅଦ୍ୱିତୀୟ ପୁତ୍ରଙ୍କୁ ସଂସାରକୁ ପ୍ରଦାନ କଲେ, ଯେପରିକି ଯିଏ ତାହାଙ୍କ ଠାରେ

ବିଶ୍ୱାସ ସ୍ଥାପନ କରେ ସେ ବିନଷ୍ଟ ନହୋଇ ଶାଶ୍ୱତ ଜୀବନ ଲାଭ କରିବ ।" (ଯୋହନ ୩:୧୬) ପୁରୁଷ ଓ ନାରୀ ନିର୍ବିଶେଷରେ ସମସ୍ତେ ନବୀକରଣ ଓ ମୁକ୍ତିଦାୟକ ଈଶ୍ୱରଙ୍କ ଅନୁଗ୍ରହରେ ସହଭାଗୀ ହେବାକୁ ଆହୁତ ହୋଇଛନ୍ତି । ଏହି ବଦାନ୍ୟପୂର୍ଣ୍ଣ ସ୍ୱର୍ଗୀୟ ନିମନ୍ତ୍ରଣକୁ ଜଣେ କେବଳ 'ହଁ' କହି ସ୍ୱୀକାର କରିବା ଦରକାର । ଏହି ସ୍ୱର୍ଗୀୟ ନିମନ୍ତ୍ରଣକୁ ସ୍ୱୀକାର କରି ନିଜକୁ ନବୀକରଣ ପାଇଁ ବଶ୍ୟତ ହେବା 'ବିବାହ ବସ୍ତ୍ର' ପରିଧାନ ସହ ସମାନ ଅଟେ । (ମାଥିଉ ୨୨:୧୨)

ସମସ୍ତଙ୍କ ପାଇଁ ପ୍ରଦତ୍ତ ମିଶନ୍ ସମସ୍ତଙ୍କର ସମର୍ପିତ/ଉତ୍ସର୍ଗୀତ ଜୀବନ ଆବଶ୍ୟକ କରେ । କାରଣ, ସୁସମାଚାର ସେବାରେ ସମ୍ପୂର୍ଣ୍ଣ ସୀନଡ଼ୀୟ ଓ ମିଶନାରୀ ମଣ୍ଡଳୀ ରୂପରେ ଆମ୍ଭମାନଙ୍କୁ ଆମର ଯାତ୍ରା ଆଗକୁ ନେବାକୁ ପଡ଼ିବ । କାରଣ ମୌଳିକ ରୀତିରେ, ସୀନଡ଼ୀୟ ମିଶନାରୀ ଅଟେ ଏବଂ ମିଶନ୍ ସର୍ବଦା ସୀନଡ଼ୀୟ ଅଟେ । ଫଳସ୍ୱରୂପ ଆଜି ଉଭୟ ସାର୍ବଜନୀନ ମଣ୍ଡଳୀ ତଥା ଆଞ୍ଚଳିକ ମଣ୍ଡଳୀ ସ୍ତରରେ ନିବିଡ଼ ମିଶନାରୀ ସହଯୋଗ ଅତ୍ୟାବଶ୍ୟକ ଓ ଜରୁରୀ ଅଟେ । ଦ୍ୱିତୀୟ ଭାଟିକାନ୍ ମହାସଭା ତଥା ମୋର ପୂର୍ବ ଅଧିକାରୀଙ୍କ ପଦାଙ୍କରେ ମୁଁ ପୃଥିବୀସ୍ଥ ସମଗ୍ର ଧର୍ମପ୍ରଦେଶକୁ ପୂର୍ଣ୍ଣପିତାଙ୍କ ମିଶନ୍ ଆୟୋଗର ସେବାକୁ କାର୍ଯ୍ୟକାରୀ କରିବାକୁ ଅନୁମୋଦନ ଜଣାଏ । କାରଣ, ଏହାର ପ୍ରତିନିଧିତ୍ୱରେ କ୍ୟାଥୋଲିକମାନେ ମିଶନ୍‌ର ଶୈଶବ ଅବସ୍ଥାରୁ ସାର୍ବଭୌମ ଓ ପରିପକ୍ୱ ମିଶନାରୀ ରୂପେ ସମୃଦ୍ଧି ହୁଅନ୍ତି ଏବଂ ଏହା ନିଜ ନିଜର ଦକ୍ଷତାନୁସାରେ ସମଗ୍ର ମିଶନ୍ ପାଇଁ ଏକ ମୋଟା ଅଙ୍କର ଅର୍ଥରାଶି ସଂଗ୍ରହ କରିବାର ଉପାୟ ହୋଇଥାଏ । ଏହି କାରଣରୁ ଆଞ୍ଚଳିକ ସମସ୍ତ ମଣ୍ଡଳୀରୁ ବିଶ୍ୱ ମିଶନ୍ ଦିବସରେ ସଂଗୃହିତ ସମସ୍ତ ଅର୍ଥରାଶି ସାର୍ବଭୌମ ସହଭାଗିତା ଅର୍ଥରାଶି ପାଇଁ ଉଦ୍ଦିଷ୍ଟ ହୋଇଥାଏ ଯଦ୍ଦ୍ୱାରା ପୂଣ୍ୟପିତାଙ୍କ ମିଶନାରୀ ଆୟୋଗ ଏହାକୁ ବିଶ୍ୱାସର ପ୍ରସାରଣ ନିମନ୍ତେ ପୂଣ୍ୟପିତାଙ୍କ ନାମରେ ମଣ୍ଡଳୀର ଆବଶ୍ୟକତା ଅନୁସାରେ ବାଣ୍ଟିଥାଏ । ଆସନ୍ତୁ ଆମେ ପ୍ରାର୍ଥନା କରିବା ଯେପରି ପ୍ରଭୁ ଆମ୍ଭମାନଙ୍କୁ ଅଧିକରୁ ଅଧିକ ସୀନଡ଼ୀୟ ଓ ମିଶନାରୀ ମଣ୍ଡଳୀ ରୂପେ ହେବାକୁ ସାହାଯ୍ୟ କରିବେ ।

ପରିଶେଷରେ, ଆମେ ଆମର ନିଜର ଧନ୍ୟା କୁମାରୀ ମାରୀୟାଙ୍କ ଉପରେ ପକାଇବା ଯିଏ ଗାଲିଲୀର କାନା ଗ୍ରାମରେ ଅନୁଷ୍ଠିତ ବିବାହ ଭୋଜିରେ ଯୀଶୁଙ୍କୁ ତାଙ୍କର ପ୍ରଥମ ଆଶ୍ଚର୍ଯ୍ୟ କର୍ମ ସାଧନ କରିବାକୁ ଅନୁରୋଧ କରିଥିଲେ । ସେଠାରେ ଯୀଶୁ ନବଦମ୍ପତିଙ୍କ ସହିତ ନିମନ୍ତ୍ରିତ ସମସ୍ତ ଅତିଥିବୃନ୍ଦଙ୍କୁ ଅପର୍ଯ୍ୟାପ୍ତ ପରିମାଣରେ ନୂତନ ଦ୍ରାକ୍ଷାରସ ଯୋଗାଇ ଦେଇଥିଲେ । ଏହି ନୂତନ ଦ୍ରାକ୍ଷାରସ ଅନ୍ତିମ ଦିନରେ ପ୍ରଭୁ ତାଙ୍କର ଜନତାଙ୍କ ସକାଶେ ପ୍ରସ୍ତୁତ କରିଥିବା ଅନ୍ତିମ ଭୋଜିର ପୂର୍ବାବସ୍ଥା ଅଟେ । ଆସନ୍ତୁ ଏହି ସମୟରେ ଆମେ ଖ୍ରୀଷ୍ଟଙ୍କର ଶିଷ୍ୟଗଣଙ୍କର ସୁସମାଚାର ପ୍ରସାରଣ ମିଶନ୍ ପାଇଁ ତାଙ୍କର ମାଧ୍ୟସ୍ଥ ଭିକ୍ଷା କରିବା । ଆମ ମାତାଙ୍କର ଆନନ୍ଦ ଓ ପ୍ରେମପୂର୍ଣ୍ଣ ମାଧ୍ୟସ୍ଥାରେ ତାଙ୍କ କୋମଳତା ଓ ପ୍ରେମରୁ ନିର୍ଗତ ଶକ୍ତି ଦ୍ୱାରା ଆସନ୍ତୁ ଆମେ ସମସ୍ତଙ୍କ ନିକଟକୁ ଆମ୍ଭମାନଙ୍କର ତ୍ରାଣକର୍ତ୍ତା ଓ ରାଜାଙ୍କର ନିମନ୍ତ୍ରଣକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା । ମିଶନ୍‌ର ରାଣୀ ଧନ୍ୟା କୁମାରୀ ମାରୀୟା, ଆମ୍ଭମାନଙ୍କ ନିମନ୍ତେ ନିବେଦନ କର ।

ରୋମ୍, ସାଧୁ ଯୋହନଙ୍କ ମହା ଦେବାଳୟ,
୨୫ ଜାନୁଆରୀ ୨୦୨୪, ସାଧୁ ପାଉଲଙ୍କ ମତି ପରିବର୍ତ୍ତନ ପର୍ବ ।

**ଫ୍ରାନ୍‌ସିସ୍**